**ଗାୟକ ପ୍ରଣବ ପଟ୍ଟନାୟକଙ୍କ ଘରୁ ଚୋରି**

ନିତିଦିନ

# ଆଇସିଏଆଇ ପକ୍ଷରୁ ପୁଞ୍ଜି ବିନିଯୋଗକାରୀଙ୍କ ଲାଗି କର୍ମଶାଳା




**ଭୁବନେଶ୍ୱର, ୧୪।୮/ଏନ୍ଏନ୍ଏସ୍:** ଆଇସିଏଆଇ(ଦ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟଟ୍‌ସ ଅଫ୍ ଇଣ୍ଡିଆ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ପୁଞ୍ଜି ବିନିଯୋଗ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ପୁଞ୍ଜି ବିନିଯୋଗ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱର ଚାପ୍ଟର ପକ୍ଷରୁ ପୁଞ୍ଜି ବିନିଯୋଗର ସୁବିଧା ଓ ସୁଯୋଗ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କର୍ମଶାଳାରେ କଷ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଣ୍ଟାଟ୍, ଏକାଡେମିସିଆନ୍, ବିଭିନ୍ନ ବ୍ୟାଙ୍କର ପ୍ରତିନିଧି, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡ, ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ଆଦି ବିଭିନ୍ନ କମ୍ପାନୀରୁ ୧୫୦ରୁ ଅଧିକ ପ୍ରତିନିଧି ସାମିଲ ହୋଇଥିଲେ।

କର୍ମଶାଳାରେ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସିଏମ୍ଏ ଶିବ ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଏମ୍ଏ ବିଭୂତି ଭୂଷଣ ନାୟକ କର୍ମଶାଳାର ଗୁରୁତ୍ୱାରୋପ କରିଥିଲେ। ସିଏମ୍ଏ ଥୋମାସ୍ ମାଥ୍ୟୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସିଏମ୍ଏ ଉତ୍ତମ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମ୍ଏ ସୌମ୍ୟରଞ୍ଜନ ସିଂହ, ଏଚ୍‌କେ ବିଶ୍ୱାଳ ଉପସ୍ଥିତ ଥିଲେ।